# ରାଜାରାଣୀ ସଙ୍ଗୀତ ଉତ୍ସବର ଉଦଯାପନୀ ସଂଧ୍ୟାରେ ହିନ୍ଦୁସ୍ଥାନୀ କଣ୍ଠ ସଙ୍ଗୀତ ସହିତ ବେହେଲାର ଯାଦୁକରୀ ମୁର୍ଚ୍ଛନା

ଭୁବନେଶ୍ବର - ତା 20.01.2017- ରାଜାରାଣୀ ସଙ୍ଗୀତ ଉତ୍ସବର ଆଜିଥିଲା ଅନ୍ତିମ ସଂଧ୍ୟା । ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତର ବିଭିନ୍ନ ରାଗ ରାଗିଣୀର ହୃଦୟସ୍ପର୍ଶୀ ପରିବେଷଣ ସହିତ ଉତ୍ସବସ୍ଥଳର ଚମତ୍କାର ସାଜସଜା ଏବଂ ୧୧ଶ ଶତାବ୍ଦୀ ନିର୍ମିତ ରାଜାରାଣୀ ମନ୍ଦିରର ଅପୂର୍ବ କଳା ସ୍ଥାପତ୍ୟ ଏବଂ ସଙ୍ଗୀତମୟ ତଥା ମନୋମୁଗ୍ଧକର ପରିବେଶ ଏ ବର୍ଷ ରାଜାରାଣୀ ଉତ୍ସବକୁ ଅନନ୍ୟ କରିଥିଲେ । ରାଜ୍ୟ ପର୍ଯ୍ୟଟନ ବିଭାଗର ଏହି ପ୍ରଶଂସନୀୟ ପ୍ରୟାସ ବାସ୍ତବିକ ଶାସ୍ତ୍ରୀୟ ସଂଗୀତ ପ୍ରେମୀମାନଙ୍କୁ ଖୁବ୍ ଆନନ୍ଦ ଦେଇପାରିଥିଲା ।

ସଂଧ୍ୟାର ପ୍ରଥମ କାର୍ଯ୍ୟକ୍ରମ ଥିଲା ଆନ୍ତର୍ଜାତିୟ ଖ୍ୟାତି ସମ୍ପନ୍ନ ହିନ୍ଦୁସ୍ଥାନି କଣ୍ଠ ସଂଗୀତ ଶିଳ୍ପୀ ପଣ୍ଡିତ ଦେବେନ୍ଦ୍ର ନାରାୟଣ ଶତପଥୀଙ୍କ ହିନ୍ଦୁସ୍ଥାନୀ କଣ୍ଠ ସଂଗୀତ । ସେ ପ୍ରଥମେ “ହର ହର ମହାଦେବ” ବିଲମ୍ବିତ ଓ ଦୃତ ପରିବେଷଣ କରିଥିଲେ ଯାହା ରାଗ କେଦାର ଉପରେ ପର୍ଯ୍ୟବେସିତ ଥିଲା ପରେ ପରେ  ମୀରା ଭଜନ “ପାୟ ଜୀ ମେନେ ରାମ ରତନ ଧନ ପାୟୋ” ଯାହା ରାଗ ମିଶ୍ର ପାହାଡ଼ି ଉପରେ ନିବଦ୍ଧ ଥିଲା । ତାଙ୍କୁ ତବଲାରେ ତାପସ ପୋଲ, ହାରମୋନିୟମରେ ଆକାଶ ରଞ୍ଜିବ ବିଶ୍ବାଳ ଓ ତାନପୁରାରେ ମମତା ଶତପଥୀ ଓ ଅନନ୍ୟା ଆଶାବରୀ ସହଯୋଗ କରିଥିଲେ ।

ଅନ୍ତିମ ସଧାର ଦ୍ବିତୀୟ ପ୍ରସ୍ତୁତି ଥିଲା ଡ଼. ଏନ୍ ରାଜମଙ୍କ ଦ୍ବାରା ବେହେଲା ବାଦନ । ତାଙ୍କ ପ୍ରସ୍ତୁତିରେ ଥିଲା ତିନି ପିଢିର ବେହେଲା ବାଦନ ଯାହା ରାଗ-ରାଗେଶ୍ବରୀ ଉପରେ ପର୍ଯ୍ୟବେସିତ । ଡ଼. ଏନ୍ ରାଜମ, ଡ଼. ସଙ୍ଗୀତା ଶଙ୍କର ଏବଂ ରାଗିନୀ ଶଙ୍କର, ଯାହାଙ୍କର ବାଦନରେ ଏକ ସ୍ବର୍ଗୀୟ ପରିବେଶ ସୃଷ୍ଟି କରିଥିଲା ରାଜାରାଣୀ ସଙ୍ଗୀତ ମହୋତ୍ସବର ଉଦଯାପନୀ ଉତ୍ସବରେ । ତାଙ୍କୁ ତବଲାରେ ସହଯୋଗ କରିଥିଲେ କୁବେର ନାଥ ମିଶ୍ର ଓ କ୍ରୀଷ୍ଣା ।

ଉଦଯାପନୀ ସଂନ୍ଧ୍ୟାର ଅତିଥି ଭାବରେ ଯୋଗଦେଇଥିଲେ ବିଶିଷ୍ଟ ଓଡ଼ିଶୀ କଣ୍ଠଶିଳ୍ପୀ ଗୁରୁ ରାମହରି ଦାସ, ସଙ୍ଗୀତ ସମିକ୍ଷୀକା ଶଶୀପ୍ରଭା ତିୱାରୀ, ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଅମରେନ୍ଦ୍ର କୁମାର ପଟ୍ଟନାୟକ, ପର୍ଯ୍ୟଟନ ବିଭାଗର ଉପ ନିର୍ଦ୍ଦେଶକ ଉତ୍ପଳ କୁମାର ପତି । କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଡ଼. ସଙ୍ଗୀତା ଗୋସାଇଁ ଏବଂ ଡ଼. ସାଧନା ଶ୍ରୀବାସ୍ତବ ।